# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXV | DECEMBER 2023 | No.10


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଯିଶାଇୟ ୯ : ୧–୬)

୧ ମାତ୍ର ପୂର୍ବେ (ଯେଉଁ ଦେଶ) ବେଦନାଗ୍ରସ୍ତ ଥିଲା, ତାହା ତିମିରାବୃତ ହୋଇ ରହିବ ନାହିଁ । ପୂର୍ବ କାଳରେ ସେ ସବୂଲୂନ୍ ଦେଶ ଓ ନପ୍ତାଲି ଦେଶକୁ ତୁଚ୍ଛନୀୟ କରିଥିଲେ, ମାତ୍ର ଶେଷ କାଳରେ ସେ ତାହାକୁ ସମୁଦ୍ର ପଥର ନିକଟବର୍ତ୍ତୀ, ଯର୍ଦ୍ଦନର ସେପାରିସ୍ଥ, ଗୋଷ୍ଠୀଗଣର ଗାଲିଲୀକୁ ସମ୍ଭ୍ରାନ୍ତ କରିବେ ।

୨ ଯେଉଁ ଗୋଷ୍ଠୀ ଅନ୍ଧକାରରେ ଭ୍ରମଣ କଲେ, ସେମାନେ ମହାଆଲୁଅ ଦେଖିଅଛନ୍ତି; ଯେଉଁମାନେ ମୃତ୍ୟୁଚ୍ଛାୟାରୂପ ଦେଶରେ ବାସ କଲେ, ସେମାନଙ୍କ ଉପରେ ଦୀପ୍ତି ଉଦିତ ହୋଇଅଛି ।

୩ ତୁମ୍ଭେ ସେହି ଦେଶୀୟ ଲୋକଙ୍କୁ ବହୁସଂଖ୍ୟକ କରି ସେମାନଙ୍କର ଆନନ୍ଦ ବୃଦ୍ଧି କରିଅଛ; ସେମାନେ ଶସ୍ୟ ଛେଦନର ଆନନ୍ଦ ପ୍ରାୟ ଆନନ୍ଦ କରନ୍ତି, ଲୁଟ ବିଭାଗ କରିବା ସମୟର ତୁଲ୍ୟ ଉଲ୍ଲାସିତ ହୁଅନ୍ତି,

୪ କାରଣ ମିଦୀୟନର ଦିନରେ ଯେପରି, ସେପରି ତୁମ୍ଭେ ତାହାର ଭାର ସ୍ୱରୂପ ଯୁଆଳି ଓ ତାହାର ସ୍କନ୍ଧସ୍ଥିତ ବାହୁଙ୍ଗି, ତାହାର ଉପଦ୍ରବକାରୀର ଦଣ୍ଡ ଭାଙ୍ଗି ପକାଇଅଛ ।

୫ ଏହେତୁ କଳହରେ ସଜ୍ଜିତ ଲୋକର ସମସ୍ତ ଅସ୍ତ୍ରଶସ୍ତ୍ର ଓ ରକ୍ତରେ ଜଡ଼ିତ ବସ୍ତ୍ରସବୁ ଜ୍ୱଳନୀୟ ଦ୍ରବ୍ୟ, ଅଗ୍ନି ପାଇଁ କାଷ୍ଠ ସ୍ୱରୂପ ହେବ ।

୬ କାରଣ ଆମ୍ଭମାନଙ୍କ ନିମନ୍ତେ ଏକ ବାଳକ ଜନ୍ମିଅଛନ୍ତି, ଆମ୍ଭମାନଙ୍କୁ ଏକ ପୁତ୍ର ଦତ୍ତ ହୋଇଅଛନ୍ତି ଓ ତାହାଙ୍କ ସ୍କନ୍ଧରେ କର୍ତ୍ତୃତ୍ୱଭାର ଥୁଆଯିବ; ପୁଣି, ତାହାଙ୍କର ନାମ ଆଶ୍ଚର୍ଯ୍ୟ, ମନ୍ତ୍ରୀ, ପରାକ୍ରାନ୍ତ ପରମେଶ୍ୱର, ଅନନ୍ତକାଳୀନ ପିତା, ଶାନ୍ତିରାଜା ହେବ ।

## ଏକ ସଫଳ ହୋଇଥିବା ପ୍ରତିଜ୍ଞାର ଉପହାର !

## THE GIFT OF THE PRINCE!



**ଆଚାର୍ଯ୍ୟ ଆଞ୍ଜେଲାଇନ୍ ସେଲ୍‌ଭାକୁମାରୀ**

ମୁଁ ଛୋଟ ବେଳୁ, ବଡ଼ଦିନକୁ ମୋ' ହୃଦୟରେ ଏକ ବିଶେଷ ସ୍ଥାନ ଦେଇ ଆସିଛି । ଏହା ଏକ ଅବର୍ଣ୍ଣନୀୟ ଆନନ୍ଦ ଆଣେ । ଯେତେବେଳେ ମୁଁ ବଡ଼ ହେଲି, ସେତେବେଳେ ନୂତନ ବସ୍ତ୍ର କିମ୍ବା ଉପହାର କିଣିବା ପାଇଁ କିମ୍ବା ଗୃହକୁ ରଙ୍ଗୀନ କାଗଜ କିମ୍ବା ଆଲୋକରେ ସଜାଇବା ପାଇଁ ଆମ ପାଖରେ ଯଥେଷ୍ଟ ଟଙ୍କା ନ ଥିଲା । ଆମେ ଗୋଟିଏ ଛୋଟ ଏକ–କୋଠରୀ ବିଶିଷ୍ଟ ଗୃହରେ ସୀମିତ ଖାଦ୍ୟ ପଦାର୍ଥ ସହିତ ବାସ କରୁଥିଲେ, ମାତ୍ର ମୋର ପିତାମାତା ସର୍ବଦା ଆମର ବାଲ୍ୟକାଳରୁ ସୁନ୍ଦର ଓ ଅର୍ଥପୂର୍ଣ୍ଣ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରୁଥିଲେ । ମୋର ଭାଇ ଓ ମୁଁ ସେମାନଙ୍କର ପ୍ରଚେଷ୍ଟା ପାଇଁ ସର୍ବଦା କୃତଜ୍ଞ ଅଟୁ । ଏହା ଏକ ଆଶ୍ଚର୍ଯ୍ୟଜନକ ସମୟ ଥିଲା । ଅଜା ଆଈଙ୍କୁ ସାକ୍ଷାତ୍ କରିବା, ରକ୍ତ ସଂପର୍କୀୟ ଭାଇ ଭଉଣୀମାନଙ୍କୁ ଭେଟିବା, ଅତି ସକାଳୁ ନିଦୁଳିଆ ଆଖିରେ ଗୀର୍ଜ୍ଜାକୁ ଯିବା, ସମଗ୍ର ପରିବାର ସହିତ ସୁସ୍ୱାଦୁ ଖାଦ୍ୟ ଭୋଜନ କରିବା ପାଇଁ ଅପେକ୍ଷା କରିବା, ବିଭିନ୍ନ ଖେଳ ଖେଳିବା, ଏପରିକି ବେଳେ ବେଳେ ଭାଇ ଭଉଣୀଙ୍କ ଭିତରେ କଳି କରିବା – ଏହି ସବୁ ସେହିଦିନ ଗୁଡ଼ିକୁ ପ୍ରକୃତରେ ସୁନ୍ଦର କରିଥିଲା ।

ଆଜି ମଧ୍ୟ, ପ୍ରତି ବର୍ଷ ମହମବତୀର ବାସ୍ନା, କେକ୍‌ର ସୁଗନ୍ଧ, ଝିଲି ମିଲି କରୁଥିବା ସୁସଜ୍ଜିତ ଆଲୋକମାଳା ଓ ଶୀତଳ ପବନ ସହିତ ହୃଦୟ ସ୍ପର୍ଶକାରୀ ବଡ଼ଦିନ ସଙ୍ଗୀତ ସେହି ପୁରୁଣା ସ୍ମୃତିକୁ ଫେରାଇ ଆଣେ ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)




**ଆହ୍ୱାନର ପ୍ରତିଧ୍ୱନିର**

**ୟୁ–ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !**

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

# ECHO OF HIS CALL - (1969-2019 GOLDEN JUBILEE YEAR)

## ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



REACHING NATIONS



**ଆମର ମିଶନ ପଲିସୀ**

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।


**HON. EDITOR-IN-CHIEF**
Rev. Angeline S. Kumari, M.A., M.Sc., M.Ed.
**MANAGING EDITOR**
Pastor Alex Samson Sam, B.Th., M.Div.
**GENERAL MANAGER**
Bro. N. Prakasam, M.A., M.Sc.(C&P), PGDHRM, MBA.
**ADMINISTRATION**
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
**EDITORIAL BOARD**
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Sis. L. Mariya Anjalin, M.A., M.Sc., B.Ed.
Rev. Dr. K.R. Rajasekaran
**EDITOR, PUBLISHER & PRINTER**



Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858
**E.MAIL**
sam@echoofhiscall.org
biblecor@yahoo.co.in
**WEBSITES**
www.echoofhiscall.org
www.stpaulsmatriculation.com
**YOUTUBE CHANNEL**
Echo of His Call


"ମୋହର ପ୍ରାଣ ତୁମ୍ଭ ପଛେ ପଛେ ଲାଗିଥାଏ, ତୁମ୍ଭର ଦକ୍ଷିଣହସ୍ତ ମୋତେ ଧରି ରଖ" (ଗୀତ ୬୩:୮) ।

**ପ୍ରଭୁରେ ପ୍ରିୟ ଭାଇ ଓ ଭଉଣୀମାନେ,**

ଆମେ ଆପଣମାନଙ୍କୁ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁଙ୍କର ଅତୁଳନୀୟ ନାମରେ ଅଭିବାଦନ ଜଣାଉ ଅଛୁ । ଆମେ ଆପଣମାନଙ୍କୁ ଏକ ଆନନ୍ଦପୂର୍ଣ୍ଣ ବଡ଼ଦିନ ଓ ଆଶୀଷଭରା ନୂତନବର୍ଷ ପାଇଁ ଅଭିବାଦନ ଜଣାଉଅଛୁ ।

### 'ଆହ୍ୱାନର ପ୍ରତିଧ୍ୱନି' ପତ୍ରିକା ଓ ୟୁ-ଟ୍ୟୁବ ସେବାକାର୍ଯ୍ୟ

ଆମ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକାର ପାଠକମାନଙ୍କଠାରୁ ଆମେ ପାଉଥିବା ସକାରାତ୍ମକ ପ୍ରତିକ୍ରିୟା ପାଇଁ ଆମର ପ୍ରଭୁ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଉଅଛୁ । ସେହିପରି ୟୁ-ଟ୍ୟୁବ୍‌ର ଦର୍ଶକ ମାନଙ୍କର ଉତ୍ସାହବାଣୀ ଯୋଗୁ ଆମେ କୃତଜ୍ଞ ଅଟୁ । ଆମେ ଆପଣମାନଙ୍କ ସେହି ପାଞ୍ଚ-ମିନିଟର ୟୁ-ଟ୍ୟୁବ ବାର୍ତ୍ତା ଦେଖିବା ପାଇଁ ଉତ୍ସାହିତ କରୁଅଛୁ ଯାହା ପ୍ରତିଦିନ ସକାଳ ୨ଟାରୁ ଆରମ୍ଭ ହୋଇ ଇଂରାଜୀ, ହିନ୍ଦୀ, ତାମିଲ ଓ ତେଲୁଗୁ ଭାଷାରେ ପ୍ରସାରିତ ହେଉଅଛି । ଦୟାକରି କେବଳ ଏହି ଉଦ୍ଦେଶ୍ୟ ପାଇଁ ସମର୍ପିତ ହୋଇଥିବା ଆମର ମୋବାଇଲ ନମ୍ବର ୯୧-୯୮୪୧୦୭୧୮୫୮କୁ ଆପଣମାନଙ୍କ ମୋବାଇଲ୍‌ରେ ସଂରକ୍ଷିତ ରଖନ୍ତୁ । ଆମର "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ ଚ୍ୟାନେଲ୍‌ର ସଭ୍ୟ ହେବା ପାଇଁ ମଧ୍ୟ ଆମେ ଆପଣମାନଙ୍କୁ ଅନୁରୋଧ କରୁଅଛୁ । ଏହା ସହିତ, ଦୟାକରି ଆମ ସହିତ ସିଧାସଳଖ ଯୋଗାଯୋଗ କରିବା ପାଇଁ ଆମର ଅନ୍ୟ ଏକ ମୋବାଇଲ୍ ନମ୍ବର ୯୧-୯୮୪୧୨୭୧୮୫୮ ମଧ୍ୟ ସଂରକ୍ଷିତ ରଖନ୍ତୁ । ଏହି ସେବାଗୁଡ଼ିକ ସଂପୂର୍ଣ୍ଣ ଭାବରେ ମାଗଣା ଅଟେ ।

### ଯୁବା ଓ ପିଲାମାନଙ୍କର ଯତ୍ନ ନିମନ୍ତେ ବିଶ୍ୱସ୍ତରୀୟ ଦର୍ଶନ

ଆମେ ବିଶ୍ୱବ୍ୟାପୀ ଯୁବକ ଯୁବତୀ ଓ ପିଲାମାନଙ୍କର ମଙ୍ଗଳ ନିମନ୍ତେ କିଛି ସମୟ ପ୍ରାର୍ଥନା କରିବା ପାଇଁ "ଗ୍ଲୋବାଲ୍ ଭିଜନ ଫର୍ ୟୁଥ୍ ଏଣ୍ଡ କିଡ୍ କେୟାର" ନାମକ ଏକ ସେବାକାର୍ଯ୍ୟ ଆରମ୍ଭ କରିଅଛୁ । ସମଗ୍ର ପୃଥିବୀର ଅନେକ ବନ୍ଧୁ ଏହି ସେବାକାର୍ଯ୍ୟରେ ସେମାନଙ୍କର ନାମ ପଞ୍ଜିକୃତ କରିଅଛନ୍ତି । ଯେଉଁମାନେ ପଞ୍ଜିକୃତ କରିଛନ୍ତି, ସେମାନଙ୍କୁ ସେମାନଙ୍କ ଦେଶର ସମୟ ଅନୁସାରେ ପ୍ରତିଦିନ ରାତ୍ରି ୧୦ଟାରେ ନିମ୍ନଲିଖିତ ପ୍ରାର୍ଥନା କରିବା ପାଇଁ ଉତ୍ସାହିତ କରାଯାଉଛି :



ପ୍ରଭୁଯୀଶୁଙ୍କ ସହିତ ଯୁବା ଓ ପିଲାମାନେ

ପ୍ରିୟ ପ୍ରଭୁ,

ଆମେ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଏହି ପ୍ରାର୍ଥନା କରୁଅଛୁ ଯେପରି ତୁମେ ସମଗ୍ର ପୃଥିବୀର ଯୁବକ, ଯୁବତୀ ଓ ପିଲାମାନଙ୍କ ସ୍ମରଣ କରି ସେମାନଙ୍କର ମଙ୍ଗଳ ସାଧନ କରିବ ।
ଆମେନ୍ ।

ଏହି ପ୍ରାର୍ଥନା ଫଳରେ, ଅନେକ ଯୁବା ଓ ପିଲାମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ସାକ୍ଷୀ ଭାବରେ ବାହାରୁଛନ୍ତି । କେବଳ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ସମସ୍ତ ଗୌରବ ଓ ମହିମା ହେଉ, ଆମେନ୍ ।


**Our Ministries:** ECHO OF HIS CALL Monthly Magazines (16 languages) ☼ BIBLECOR - Postal Courses (3 languages) ☼ YouTube Ministry ☼ Online Courses ☼ Theological Correspondence Courses (2 languages) ☼ Church Planting ☼ Nehemiah Bible Colleges ☼ Gospel Printing Press ☼ Great Commission Partners ☼ St. Paul's Matriculation School ☼ Crusades ☼ Community Development

*ଯଦି ଆପଣମାନେ ଆପଣମାନଙ୍କ ସନ୍ତାନମାନଙ୍କର ନାମ ଜଣାଇବେ, ତେବେ ଆମେ ଆମ ପ୍ରାର୍ଥନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରିବୁ । ଦୟାକରି ଏହି ଉଦ୍ଦେଶ୍ୟ ପାଇଁ କୌଣସି ଅର୍ଥ ସହାୟତା ପ୍ରେରଣ କରନ୍ତୁ ନାହିଁ ।*

*ଆମର ଯେଉଁ ସମର୍ପିତ ସହକର୍ମୀମାନେ ଆମ ସେବାକାର୍ଯ୍ୟର ସମ୍ମୁଖଭାଗରେ ରହି କାର୍ଯ୍ୟ କରୁଛନ୍ତି ସେମାନେ ବିଭିନ୍ନ ପ୍ରକାର ରୋଗଦ୍ୱାରା ଆକ୍ରାନ୍ତ ହୋଇ ଅନେକ କ୍ଷତି ଭୋଗୁଛନ୍ତି । ଆମେ ଈଶ୍ୱରଙ୍କ ସମସ୍ତ ଦାସମାନଙ୍କର ମଙ୍ଗଳ, ସୁରକ୍ଷା ଓ ପାରିବାରିକ ପରିସ୍ଥିତି ନିମନ୍ତେ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ ।*

*ଏହି ବର୍ଷ ପାଇଁ ଆମର ନୂତନ ବର୍ଷର ଉପାସନା ଡିସେମ୍ବର ୩୧ ରାତ୍ରି ୧୦ଟାରେ ଆମର ୟୁ-ଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରସାରିତ ହେବ । ଆପଣମାନେ ସୁବିଧାନୁସାରେ ଏହାକୁ ଦେଖିପାରିବେ । ଆପଣମାନେ ଆପଣମାନଙ୍କର ସ୍ଥାନୀୟ ମଣ୍ଡଳୀରେ ଯୋଗ ଦିଅନ୍ତୁ ବୋଲି ଆମେ ଆପଣମାନଙ୍କୁ ଉତ୍ସାହିତ କରୁଅଛୁ । ମଣ୍ଡଳୀରେ ଯୋଗଦାନ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ।*

*ନୂତନ ବର୍ଷରେ ଆଶିଷ ଭିକ୍ଷା ପାଇଁ ବିଶେଷ ପ୍ରାର୍ଥନା ଅଧିବେଶନ ୨୦୨୪ ଜାନୁୟାରୀ ୨ରୁ ଜାନୁୟାରୀ ୭ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୬ଟାରେ ଅନୁଷ୍ଠିତ ହେବ ।*

*ଆମେ ଆମର ''ଆହ୍ୱାନର ପ୍ରତିଧ୍ୱନି'' ପତ୍ରିକାକୁ ଡ଼ାକ ମାଧ୍ୟମରେ ପ୍ରେରଣ କରୁଅଛୁ । କିନ୍ତୁ, ଆମେ ଏହା ଜାଣିଛୁ ଯେ ପ୍ରତ୍ୟେକ ଜଣ ଏହା ପାଉ ନାହାଁନ୍ତି । ଆପଣମାନେ ଆମର ପତ୍ରିକା ପାଉଛନ୍ତି କି ନାହିଁ, ଏ ବିଷୟରେ ସୁନିଶ୍ଚିତ ହେବା ପାଇଁ ଆପଣମାନେ ଆପଣମାନଙ୍କର ହ୍ୱାଟସ୍ ଆପ୍ ନମ୍ବର ଓ ଇ-ମେଲ୍ ଠିକଣା ଆମକୁ ଜଣାନ୍ତୁ ।*

*ଆମେ ଡିସେମ୍ବର ମାସ ପାଇଁ ବିଭିନ୍ନ ସେବାକାର୍ଯ୍ୟର ଆୟୋଜନ କରିଅଛୁ ଓ ପ୍ରତିବନ୍ଧକ ବିନା ସେଗୁଡ଼ିକର ସଫଳ କାର୍ଯ୍ୟକାରିତା ପାଇଁ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ ।*

*ଆପଣମାନଙ୍କୁ ଏକ ଆନନ୍ଦପୂର୍ଣ୍ଣ ବଡ଼ଦିନ ଓ ଏକ ଆଶିଷଭରା ନୂତନ ବର୍ଷ ପାଇଁ ଶୁଭକାମନା ଜଣାଉଅଛୁ ।*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍

(+91) 98412 71858 / 98410 71858,

E.mail : sam@echoofhiscall.org

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

କିନ୍ତୁ କେତେକଙ୍କ ପାଇଁ, ବଡ଼ଦିନ ଏକ ଭିନ୍ନ ଅନୁଭୂତି ହୋଇପାରେ । ଏହା ହୁଏତ କେତେଜଣ ପ୍ରିୟଜନଙ୍କୁ ହରାଇବାର ସ୍ମୃତିକୁ ସତେଜ କରେ । କେତେଜଣ ହୁଏତ ସ୍ୱାସ୍ଥ୍ୟ ସମସ୍ୟା କିମ୍ବା ଅର୍ଥନୈତିକ ଚାପ ସହିତ ସଂଘର୍ଷ କରୁଥାନ୍ତି । ଆଉ କେତେକ ଲୋକ ହୁଏତ ବଡ଼ଦିନର ଚାକଚକ୍ୟ ଓ ବ୍ୟସ୍ତତା ଯୋଗୁ ଭାରାକ୍ରାନ୍ତ ହୋଇ ନିଃସଙ୍ଗତା, ଦୁଃଖ କିମ୍ବା ବିଷାଦ ଦିଗକୁ ଅଗ୍ରସର ହେଉଥାନ୍ତି, ଏହି ସମୟରେ ଆତ୍ମ ହତ୍ୟାର ହାର ସର୍ବୋଚ୍ଚ ସ୍ତରରେ ଥାଏ ବୋଲି ମଧ୍ୟ କୁହାଯାଏ ।

ଏହା ସହିତ, ବଡ଼ଦିନକୁ ଡିସେମ୍ବର ୨୫ରେ ପାଳନ କରାଯିବା ଉଚିତ କିମ୍ବା ନାହିଁ ଏବଂ ଏହା ପ୍ରକୃତରେ ଯୀଶୁଙ୍କର ଜନ୍ମ ଦିନ କି ନୁହେଁ ଏ ବିଷୟରେ ଏକ ନିରବଚ୍ଛିନ୍ନ ତର୍କବିତର୍କ ଚାଲେ । ମୋ' ପାଇଁ, ଯୀଶୁ ଯେ ଏହି ଜଗତ ମଧ୍ୟରେ ଜନ୍ମ ଗ୍ରହଣ କରିଥିଲେ, ଏହି ସତ୍ୟ ଅପେକ୍ଷା କୌଣସି ନିର୍ଦ୍ଦିଷ୍ଟ ତାରିଖ ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ । ପ୍ରକୃତରେ ତାହା ଏକ ଅକାଟ୍ୟ ସତ୍ୟ ଅଟେ । ଈଶ୍ୱରଙ୍କ ପୁତ୍ର ମନୁଷ୍ୟ ପୁତ୍ରରେ ପରିଣତ ହୋଇଥିଲେ ଓ ତାହା ହିଁ ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ ଅଟେ ।

ସେଥିପାଇଁ, ମୁଁ ପାଇଥିବା ସର୍ବଶ୍ରେଷ୍ଠ ଉପହାର - ଯୀଶୁଙ୍କର ଜନ୍ମ ବିଷୟ ଜଗତ ନିକଟରେ ଘୋଷଣା କରିବା ପାଇଁ ଏହାକୁ ଏକ ସୁଯୋଗ ଭାବରେ ଗ୍ରହଣ କରୁଛି । ମୋ' ଜୀବନରେ ଯେ କୌଣସି ପରିବେଶ ସତ୍ତ୍ୱେ, ମୁଁ ଏହି ଉତ୍ସବକୁ ମୋର ପରିବାର ଓ ବନ୍ଧୁମାନଙ୍କ ସହିତ ପାଳିବାକୁ ଭଲ ପାଏ । ମୁଁ ଏହା ମଧ୍ୟରେ ମୋ' ପରିବାରର ସଦସ୍ୟ ହୋଇ ନ ଥିବା ଓ କଷ୍ଟକର ସମୟ ମଧ୍ୟ ଦେଇ ଗତି କରୁଥିବା ଲୋକମାନଙ୍କୁ ସୁଦ୍ଧା ଅନ୍ତର୍ଭୁକ୍ତ କରିବାକୁ ଚେଷ୍ଟା କରେ ।

ଏହା ପ୍ରେମ, ଯତ୍ନ ଓ ମୋ' ନିକଟରେ ଥିବା ବିଷୟଗୁଡ଼ିକୁ ବାଣ୍ଟିବାର ଏକ ସମୟ ଅଟେ । ବଡ଼ ଦିନର ଗୋଟିଏ ଅତି ସାଧାରଣ ବିଷୟ ହେଉଛି, ଏହା ପ୍ରାୟତଃ, ଉପହାର ଦେବା ଓ ଗ୍ରହଣ କରିବା ସହିତ ସଂପୃକ୍ତ ଅଟେ । ଆମେ ଆମ ପିଲାମାନଙ୍କ ପାଇଁ ନୂତନ ପୋଷାକ ଓ ଆମ ପ୍ରିୟ ଲୋକମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ବିଷୟ କ୍ରୟ କରୁ ଓ ଏହା ପ୍ରଦର୍ଶନ କରୁ ଯେ ଆମେ ସେମାନଙ୍କୁ ପ୍ରେମ କରୁ, ସେମାନଙ୍କ ପାଇଁ ଯତ୍ନଶୀଳ ଅଟୁ ଓ ସେମାନଙ୍କ ସହିତ ଆମର ଆନନ୍ଦ ବାଣ୍ଟିବାକୁ ଚାହୁଁ । ପାଶ୍ଚାତ୍ୟ ଦେଶ ଗୁଡ଼ିକରେ, ଲୋକମାନେ ଅଗଷ୍ଟ ମାସର ଆଦ୍ୟ ଭାଗରେ ବଡ଼ଦିନ ଉପହାର ପାଇଁ କିଣା କିଣି ଆରମ୍ଭ କରନ୍ତି । ଉପହାର ଦେବା ଅନେକ ଦେଶରେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ବଡ଼ଦିନ ପ୍ରଥା ଅଟେ ଯେ ବେଳେ ବେଳେ ଲୋକମାନେ ପ୍ରକୃତରେ ମନୁଷ୍ୟ ଜାତିକୁ ପ୍ରଦତ୍ତ ହୋଇଥିବା ସର୍ବଶ୍ରେଷ୍ଠ ଉପହାର, ଅର୍ଥାତ୍ ଯୀଶୁଙ୍କ ଜନ୍ମରେ ଆନନ୍ଦ କରିବାକୁ ଭୁଲି ଯାଆନ୍ତି ।

## ଯୀଶୁଙ୍କର ଜନ୍ମ ଆମକୁ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ଉପହାର ପ୍ରଦାନ କରେ :

### ୧. ସଫଳ ହୋଇଥିବା ଏକ ପ୍ରତିଜ୍ଞାର ଉପହାର

ଯୀଶୁ ଖ୍ରୀଷ୍ଟଙ୍କର ଜନ୍ମ ଆମକୁ ଏହା ସ୍ମରଣ କରାଇ ଦିଏ ଯେ ଆମର ଈଶ୍ୱର ଜଣେ ପ୍ରତିଜ୍ଞା ରକ୍ଷାକାରୀ ଅଟନ୍ତି । ସେ ଯାହା କହନ୍ତି, ତାହା କରନ୍ତି । ସେ ମନୁଷ୍ୟ ନୁହଁନ୍ତି ଯେ ମିଥ୍ୟା କହିବେ କିମ୍ବା ନିଜ ମନ ପରିବର୍ତ୍ତନ କରିବେ । କିଛି ସମୟ ଏପରିକି କିଛି ଯୁଗ ଲାଗିଲେ



***For unto us a Child is born!***

ମଧ୍ୟ ତାଙ୍କର ପ୍ରତିଜ୍ଞା ସର୍ବଦା ସଫଳ ହୁଏ । ବାଇବଲ କହେ, **''ଆକାଶ ଓ ପୃଥିବୀ ଲୋପ ପାଇବ, ମାତ୍ର ଆମ୍ଭର ବାକ୍ୟ ସବୁ କେବେ ହେଲେ ଲୋପ ପାଇବ ନାହିଁ''** (ମାଥିଉ ୨୪:୩୫) । କିନ୍ତୁ, ଆମେ ପ୍ରାୟ କିଛି ସପ୍ତାହ, ମାସ, କିମ୍ବା ବର୍ଷ ପରେ କାର୍ଯ୍ୟ କରିବା ବନ୍ଦ କରି ଦେଉ । ଆମେ ଏହି ଗୋଟିଏ ବିଷୟକୁ ମନେ ରଖିବା ଆବଶ୍ୟକ ଯେ ଯେତେବେଳେ ଈଶ୍ୱର କିଛି କହନ୍ତି, ସେତେବେଳେ ସେ ତାହା ନିଶ୍ଚୟ ସାଧନ କରିବେ । ଏହା ହୁଏତ ଆମ ଜୀବନ କାଳ ମଧ୍ୟରେ କିମ୍ବା ଆମ ପିଲାମାନଙ୍କ ସମୟରେ ଘଟିପାରେ । ଈଶ୍ୱର ଯିହୁଦୀ ଲୋକମାନଙ୍କ ନିକଟରେ ଜଣେ ମସୀହଙ୍କ ସମ୍ବନ୍ଧରେ ପ୍ରତିଜ୍ଞା ଦେଇଥିଲେ ଓ ସେ ତାହାଙ୍କୁ ପ୍ରେରଣ କରିଥିଲେ ।

ବାଇବଲ ବିଦ୍ୱାନମାନେ କହନ୍ତି ଯେ ପୁରାତନ ନିୟମରେ ପ୍ରାୟ ୪୪ ପ୍ରତିଜ୍ଞା ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ସହିତ ସଫଳ ହୋଇଥିଲା । ଉଦାହରଣ ସ୍ୱରୂପ, ଆଦିପୁସ୍ତକ ୩:୧୫ରେ ଏହି ଭବିଷ୍ୟତ୍‌ବାଣୀ ରହିଛି ଯେ ମସୀହ ଜଣେ ନାରୀଠାରୁ ଜାତ ହେବେ ଓ ଏହା ମାଥିଉ ୧:୨୦ରେ ସଫଳ

ହୋଇଥିଲା । ତାଙ୍କର ଜନ୍ମ ସ୍ଥାନ ବିଷୟଟି ସଫଳ ହୋଇଥିବା ଅନ୍ୟ ଏକ ପ୍ରତିଜ୍ଞା ଥିଲା (ମୀଖା ୫:୨, ମାଥିଉ ୨:୧) । ମୁଁ ସବୁ ପ୍ରତିଜ୍ଞା ଉଲ୍ଲେଖ କରିପାରେ କାରଣ ଏପରି ଅନେକ ପ୍ରତିଜ୍ଞା ଅଛି ଯେଉଁଗୁଡ଼ିକ ସଫଳ ହୋଇଥିଲା, ମାତ୍ର ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଏହିସବୁ ପ୍ରତିଜ୍ଞାଗୁଡ଼ିକ ସଫଳ ହେବାର ଦେଖିବା ପାଇଁ ଲୋକମାନଙ୍କୁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡ଼ିଥିଲା ।

ଈଶ୍ୱରଙ୍କର ପ୍ରିୟ ସନ୍ତାନମାନେ, ଯଦି ଈଶ୍ୱର ଆପଣଙ୍କୁ କୌଣସି ବିଷୟରେ ପ୍ରତିଜ୍ଞା ଦେଇଛନ୍ତି, ତେବେ ବିଶ୍ୱାସରେ ପ୍ରାର୍ଥନା କରି ଚାଲନ୍ତୁ । ଆଶା ପରିତ୍ୟାଗ କରନ୍ତୁ ନାହିଁ । ଆପଣ ହୁଏତ ବର୍ଷ କିମ୍ବା ପବନ ଦେଖି ନ ପାରନ୍ତି, ମାତ୍ର ଆପଣଙ୍କର ଗର୍ତ୍ତଗୁଡ଼ିକ ପାଣିରେ ପରିପୂର୍ଣ୍ଣ ହୋଇଥିବ । ଯେତେବେଳେ ଯୀଶୁ 'ହଁ' ବୋଲି କହନ୍ତି, ସେତେବେଳେ କେହି 'ନା' କହିପାରିବେ ନାହିଁ । ସେ ପ୍ରତିଜ୍ଞା ରକ୍ଷାକାରୀ ଅଟନ୍ତି । କିଛି ଧରି ରଖିବାର ବିଷୟ ନ ଥିଲେ ସୁଦ୍ଧା ଆପଣଙ୍କର ବିଶ୍ୱାସକୁ ଧରି ରଖନ୍ତୁ । ଈଶ୍ୱର ଯାହା କହିଛନ୍ତି, ସେ ତାହା ସଫଳ କରିବେ ।

ଆମେ ଦେଖି ନ ପାରିଲେ ସୁଦ୍ଧା ଈଶ୍ୱର ଏପର୍ଯ୍ୟନ୍ତ ଆମ ପକ୍ଷରୁ କାର୍ଯ୍ୟ କରୁଛନ୍ତି । ସମସ୍ତ ବିଷୟକୁ ତାଙ୍କ ସମୟରେ ସୁନ୍ଦର କରାଯିବ । ତାଙ୍କ ସମୟ ପାଇଁ ଅପେକ୍ଷା କରନ୍ତୁ । ତାଙ୍କ ସମୟ ଯଥାର୍ଥ ଅଟେ । "ସମସ୍ତ ବିଷୟ ସମ୍ଭବ ଅଟେ ।" ଆମ୍ଭ ସମର୍ପଣ କରନ୍ତୁ ଓ ଏଲିଜାବେଥ, ମରିୟମ, ଶିମୋନ ଓ ହାନ୍ନାଙ୍କ ସଦୃଶ ଅପେକ୍ଷା କରି ରହନ୍ତୁ । ସେମାନେ ସମସ୍ତେ ଈଶ୍ୱରଙ୍କ ପ୍ରତିଜ୍ଞାକୁ ଅପେକ୍ଷା କରିଥିଲେ ଓ ଏହାର ସଫଳତାକୁ ଦେଖିଥିଲେ ।

## ୨. ଶାନ୍ତିର ଉପହାର

ଈଶ୍ୱରଙ୍କର ଦ୍ୱିତୀୟ ସର୍ବଶ୍ରେଷ୍ଠ ଦାନ ହେଉଛି ଶାନ୍ତି ଯାହା ସେ ପ୍ରଦାନ କରିଛନ୍ତି । ତାଙ୍କର ନାମ ଶାନ୍ତିରାଜା । ଶାନ୍ତି ଆମ ଜୀବନର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । ତଥାପି ଏହାକୁ ଚିହ୍ନା ଯାଇ କିମ୍ବା ଗ୍ରହଣ କରାଯାଇ ପାରିବ ନାହିଁ । ଶାନ୍ତି ବିନା, କୌଣସି ବିଷୟ ଅର୍ଥପୂର୍ଣ୍ଣ ନୁହେଁ । ଆମ ନିକଟରେ ଏକ ବଡ଼ ଗୃହ, ବହୁମୂଲ୍ୟ ଗାଡ଼ି, ଉଚ୍ଚ ଦରମାଯୁକ୍ତ ଚାକିରୀ, ଜଣେ ଜୀବନ ସାଥୀଙ୍କଠାରୁ ଏକ ଉପହାର, ଗୋଟିଏ ଧନୀ ସ୍ୱାମୀ, ପ୍ରତିଭାବାନ୍ ସନ୍ତାନଗଣ ଥାଇପାରନ୍ତି, ତଥାପି ଯଦି ଆମ ନିକଟରେ ଶାନ୍ତି ନାହିଁ, ତେବେ ଆମ ନିକଟରେ ଥିବା ସଂପତ୍ତିର କୌଣସି ମୂଲ୍ୟ ନାହିଁ ।

ମୁଁ ଥରେ ଏପରି ଜଣେ ଯୁବକଙ୍କୁ ଭେଟିଥିଲି, ଯିଏ ମୋତେ କହିଥିଲେ, "ମୁଁ ଗୋଟିଏ ବଡ଼ ଗୃହରେ ରହି କ୍ରନ୍ଦନ କରିବା ଅପେକ୍ଷା ବରଂ ଗୋଟିଏ ଛୋଟ ଗୃହରେ ଖୁସିରେ ରହିବାକୁ ଶ୍ରେୟ ମଣିବି ।" ପ୍ରକୃତରେ ମୁଁ ତାଙ୍କ କଥାରେ ପ୍ରଭାବିତ ହୋଇଥିଲି । ଏହି ସମାଜରେ ହିଁ ଆମେ ବାସ କରୁ, ଆମେ ଲୋକମାନଙ୍କୁ ପ୍ରଭାବିତ କରିବାକୁ ବାସ କରୁ । ଅନ୍ୟମାନେ ଆମକୁ ସଫଳ ଓ ଶକ୍ତିଶାଳୀ ଦେଖନ୍ତୁ ଓ ଆମର ବାହ୍ୟ ସଂପତ୍ତି ଦ୍ୱାରା ଆମକୁ ମାପନ୍ତୁ ବୋଲି ଆମେ ଇଚ୍ଛା କରୁ । ମାତ୍ର ଆଭ୍ୟନ୍ତରୀଣ ଧନ ବିଷୟରେ – ଅର୍ଥାତ୍ ଶାନ୍ତି ବିଷୟରେ କ'ଣ କୁହାଯିବ ?

ଯୀଶୁ କହିଛନ୍ତି, "ତୁମ୍ଭମାନଙ୍କ ନିକଟରେ ବହୁ ପରିମାଣର ଟଙ୍କା ଥାଉ କିମ୍ବା କମ୍ ପରିମାଣର ଟଙ୍କା ଥାଉ, ତୁମ୍ଭମାନଙ୍କ ନିକଟରେ ଏକ ପରିବାର ଥାଉ କିମ୍ବା ତୁମ୍ଭେମାନେ ନିଃସଙ୍ଗ ଥାଅ, ତୁମ୍ଭେମାନେ ସୁସ୍ଥ ଥାଅ କିମ୍ବା ଡାକ୍ତର ଓ ଔଷଧ ପଛରେ ଖର୍ଚ୍ଚ କରୁଥାଅ, ତୁମ୍ଭେମାନେ ପୁରୁଷ ହୁଅ କିମ୍ବା ମହିଳା ହୁଅ, ଯୁବକ କିମ୍ବା ବୃଦ୍ଧ ହୁଅ, ଏହାର କୌଣସି ଗୁରୁତ୍ୱ ନାହିଁ । ମୁଁ ତୁମ୍ଭମାନଙ୍କୁ ଯେଉଁ ଶାନ୍ତି ଦେଉଛି, ତାହା ସମସ୍ତ ପରିସ୍ଥିତି ପାଇଁ ଯଥେଷ୍ଟ ଅଟେ ।" ଯୀଶୁ କହିଛନ୍ତି, **"ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ତୁମ୍ଭେମାନେ ମୋ' ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି"** (ଯୋହନ ୧୪:୨୭) । ଈଶ୍ୱର ଦେଉଥିବା ଶାନ୍ତି ଆମେ ବୋଧର ଅଗମ୍ୟ ଅଟେ, ଆମେ କଳ୍ପନାର ଅଗମ୍ୟ ଅଟେ । ଦାନିୟେଲ ଗର୍ଜନକାରୀ ସିଂହଗଣ ମଧ୍ୟରେ ଏହି ଶାନ୍ତିର ଅନୁଭୂତି ପାଇଥିଲେ, ହିବ୍ରୁ ଭାଇମାନେ ପ୍ରଜ୍ୱଳିତ ଅଗ୍ନି କୁଣ୍ଡ ମଧ୍ୟରେ ଏହି ଶାନ୍ତିର ଅନୁଭୂତି ପାଇଥିଲେ ।

ଯୀଶୁଙ୍କ ପ୍ରଦତ୍ତ ଶାନ୍ତିର କୌଣସି ସୀମା ନାହିଁ । ଏପରକି ଗୋଟିଏ ଝଡ଼ ମଧ୍ୟରେ ସୁଦ୍ଧା ଆପଣ ତାଙ୍କ ଶାନ୍ତିର ଅନୁଭୂତି ପାଇ ପାରିବେ କାରଣ ସମସ୍ତ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖନ୍ତି । ଈଶ୍ୱରଙ୍କ ଅଗୋଚରରେ, କୌଣସି ବିଷୟ ଆମକୁ ସ୍ପର୍ଶ କରିବ ନାହିଁ । ଆମ ନିକଟରେ ଏହି ଦୃଢ଼ ବିଶ୍ୱାସ ରହିବା ଉଚିତ । ସେ ଆମକୁ କେବେ ହେଲେ ପତିତ ହେବାକୁ ହେବେ ନାହିଁ ।

ପ୍ରିୟ ବନ୍ଧୁଗଣ, ଆପଣ ହୁଏତ ଜୀବନରେ ଏକ ଶୁଷ୍କ ସମୟ ମଧ ଦେଇ ଗତି କରୁଛନ୍ତି, ଆପଣ ହୁଏତ ବର୍ତ୍ତମାନ ଏକ ବାତ୍ୟା–ସଦୃଶ ପରିସ୍ଥିତିର ଅନୁଭୂତି ପାଉଛନ୍ତି, ମାତ୍ର ମୁଁ ଆପଣମାନଙ୍କୁ କହୁଛି ଯେ ମୁଁ ମଧ ଥରେ କିମ୍ବା ଦୁଇଥର ନୁହେଁ, ମାତ୍ର ଅନେକଥର ସେହିପରି ସ୍ଥିତିରେ ରହି ଆସିଛି ଓ ଯୀଶୁ ଗତକାଲି, ଆଜି ଓ ଚିରଦିନ ସର୍ବଦା ସମାନ ଅଟନ୍ତି ବୋଲି ଦେଖିଅଛି ।

ସେ ସର୍ବଦା ମୋତେ ତାଙ୍କ ଶାନ୍ତିରେ ପୂର୍ଣ୍ଣ କରିଛନ୍ତି । ଆପଣ ଆଜି ଯେ କୌଣସି ପରିସ୍ଥିତିର ସମ୍ମୁଖୀନ ହେଉଥିଲେ ସୁଦ୍ଧା, ଯେ କୌଣସି ଗର୍ତ୍ତ ମଧ୍ୟରେ ରହିଥିଲେ ସୁଦ୍ଧା, ଯେ କୌଣସି ଗଲିୟାତ୍ ସହିତ ଯୁଦ୍ଧ କରୁଥିଲେ ସୁଦ୍ଧା, ଆଜି ହିଁ ଈଶ୍ୱରଙ୍କୁ ଶାନ୍ତି ମାଗନ୍ତୁ । ଯୀଶୁ ଆପଣଙ୍କୁ ଶାନ୍ତି ଦେବେ କାରଣ ସେ ଶାନ୍ତିରାଜା ଅଟନ୍ତି ।

(ଅବଶିଷ୍ଟାଂଶ ୬୪ ପୃଷ୍ଠାରେ)

नहेम्याह बाइबल कॉलेज
रेसिडेन्शल कॉलेज, चेन्नई।
माध्यम: हिन्दी
सदस्यता के लिए पंजीकृत उम्मीदवार - ATA
Regd. Candidate for Membership ATA NEHEMIAH BIBLE COLLEGE CHENNAI ECHO OF HIS CALL Estd. 1969
REACHING NATIONS
सुविख्यात अंतर्राष्ट्रीय मसीही अगुवे तथा पिछले 54 वर्षों से सेवारत वरिष्ठ पासवान
Certificate in Ministry
Diploma in Theology
योग्यता 10 वी या अधिक
जल्दी करें!
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
✶ ऑनलाइन कक्षाएं उपलब्ध हैं ✶

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୩ ଡିସେମ୍ବର ୧୯ ରୁ ୨୦୨୪ ଜାନୁୟାରୀ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

| | | |
|---|---|---|
| ଡିସେମ୍ବର ୧୯ | ⇨ | ଅତି ବଞ୍ଚିତ ଲୋକମାନଙ୍କର ଉପକାର କରୁଥିବା ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ, ନିହିମିୟା ବାଇବଲ କଲେଜ, ଥିଓଲୋଜିକାଲ୍ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ ନିମନ୍ତେ । |
| ଡିସେମ୍ବର ୨୦ | ⇨ | ଆମର ଅନୁବାଦକ, ସହଯୋଗୀ ସଂପାଦକ, ସଂଯୋଜକ ଓ ସେମାନଙ୍କ ପରିବାରଗୁଡ଼ିକ ନିମନ୍ତେ । |
| ଡିସେମ୍ବର ୨୧ | ⇨ | ମିଶନ୍ କାର୍ଯ୍ୟକାରୀମାନଙ୍କର ବଡ଼ ସମର୍ପଣ ନିମନ୍ତେ । |
| ଡିସେମ୍ବର ୨୨ | ⇨ | ଆମର ସମର୍ପିତ କର୍ମଚାରୀମାନଙ୍କ ପରିବାର ଉପରେ ଆଶୀର୍ବାଦ ବୃଷ୍ଟି ନିମନ୍ତେ । |
| ଡିସେମ୍ବର ୨୩ | ⇨ | ଆମର ବରିଷ୍ଠ ପାଳକ ଓ ତାଙ୍କ ପରିବାରକୁ ସମସ୍ତ ପ୍ରକାର ମନ୍ଦ ଶକ୍ତିରୁ ସୁରକ୍ଷା ଦେଇଥିବାରୁ । |
| ଡିସେମ୍ବର ୨୪ | ⇨ | ଆମ "ନିହିମିୟା ବାଇବଲ କଲେଜ"ରେ ଦ୍ୱିତୀୟ ଅଧିବେଶନକୁ ସଫଳ ଭାବରେ ସଂପୂର୍ଣ୍ଣ କରିବାରେ ସାହାଯ୍ୟ କରିଥିବାରୁ । |
| ଡିସେମ୍ବର ୨୫ | ⇨ | ଏହି ବର୍ଷ ସାରା ଆମର ଖ୍ରୀଷ୍ଟୀୟ ପର୍ବପର୍ବାଣିଗୁଡ଼ିକୁ ପାଳନ କରିବାରେ ସାହାଯ୍ୟ କରିଥିବାରୁ । |
| ଡିସେମ୍ବର ୨୬ | ⇨ | ୧୬ଟି ଭାଷାରେ ପ୍ରକାଶିତ ଆମର ସମସ୍ତ ପ୍ରକାଶନ ପାଇଁ ରେଜିଷ୍ଟ୍ରେସନ ସାର୍ଟିଫିକେଟ୍ ପାଇବାରେ ସାହାଯ୍ୟ କରିଥିବାରୁ । |
| ଡିସେମ୍ବର ୨୭ | ⇨ | ଆମର ପ୍ରାର୍ଥନାସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହା ଆଦେଶ ସାଥୀଗଣ ଓ ସେମାନଙ୍କ ପରିବାରଗୁଡ଼ିକ ଉପରେ ଦୟା ପ୍ରଦର୍ଶନ କରିଥିବାରୁ । |
| ଡିସେମ୍ବର ୨୮ | ⇨ | ଆମର ବାଇବଲ କୋର୍ ପାଠ୍ୟକ୍ରମ ଓ ଥିଓଲୋଜିକାଲ୍ କରେସପଣ୍ଡେସ ପାଠ୍ୟକ୍ରମ ଗୁଡ଼ିକର ଅଭିବୃଦ୍ଧି ନିମନ୍ତେ । |
| ଡିସେମ୍ବର ୨୯ | ⇨ | ୧୬ଟି ଭାଷାରେ ଆମର ପତ୍ରିକାକୁ ଆମ ଛାପାକଳରେ ଛାପି ଓ ପ୍ରକାଶ କରି ମିଶନ୍ କ୍ଷେତ୍ରଗୁଡ଼ିକୁ ପ୍ରେରଣ କରିବାରେ ସମର୍ଥ କରିଥିବାରୁ । |
| ଡିସେମ୍ବର ୩୦ | ⇨ | ଏହି ବର୍ଷସାରା ଆମ ନିହିମିୟା ବାଇବଲ କଲେଜର ସୁପରିଚାଳନା ନିମନ୍ତେ । |
| ଡିସେମ୍ବର ୩୧ | ⇨ | ୨୦୨୩ରେ ଆମର ସମସ୍ତ ଆବଶ୍ୟକତାଗୁଡ଼ିକୁ ଆଶ୍ଚର୍ଯ୍ୟଜନକ ଭାବେ ପୂରଣ କରିଥିବାରୁ । |
| ଜାନୁୟାରୀ ୧ | ⇨ | ନୂତନ ବର୍ଷ - ୨୦୨୪ ପାଇଁ ସମଗ୍ର ପୃଥିବୀର ସମସ୍ତ ପାଠକ ଓ ଲୋକମାନଙ୍କର ଶାନ୍ତି କାମନା ନିମନ୍ତେ । |
| ଜାନୁୟାରୀ ୨ | ⇨ | ସମସ୍ତ ମଣ୍ଡଳୀ ଓ ବିଶ୍ୱାସୀମାନଙ୍କୁ ୨୦୨୪ ପାଇଁ ଉତ୍ତମ ପ୍ରତିଜ୍ଞା ଦେଇଥିବାରୁ । |
| ଜାନୁୟାରୀ ୩ | ⇨ | ୨୦୨୩ରେ ସମସ୍ତ ଖ୍ରୀଷ୍ଟିଆନ ଅନୁଷ୍ଠାନ ଓ ମଣ୍ଡଳୀଗୁଡ଼ିକୁ ଆଶୀର୍ବାଦ କରିଥିବାରୁ । |

## ପ୍ରାର୍ଥନାର ବିଷୟ

| | | |
|---|---|---|
| ଜାନୁୟାରୀ ୪ | ⇨ | ଯୁବାଗୋଷ୍ଠୀ ମଧ୍ୟରେ ହିଂସା ଓ ହତ୍ୟାର ଦୂରୀକରଣ ନିମନ୍ତେ ଓ ସେମାନେ ଯେପରି ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେବେ, ସେଥି ନିମନ୍ତେ । |
| ଜାନୁୟାରୀ ୫ | ⇨ | ସମସ୍ତ ପରିବାରରେ ଶାନ୍ତି ନିମନ୍ତେ । |
| ଜାନୁୟାରୀ ୬ | ⇨ | ପୃଥିବୀର ନେତାମାନେ ଯେପରି ସ୍ୱର୍ଗୀୟ ଜ୍ଞାନରେ ପରିପୂର୍ଣ୍ଣ ହୋଇ ଲୋକମାନଙ୍କର ମଙ୍ଗଳ ପାଇଁ କାର୍ଯ୍ୟ କରିବେ । |
| ଜାନୁୟାରୀ ୭ | ⇨ | ପୃଥିବୀର ଲୋକମାନଙ୍କର ଆୟର ବୃଦ୍ଧି ନିମନ୍ତେ । |
| ଜାନୁୟାରୀ ୮ | ⇨ | ବିଶ୍ୱର ଖ୍ରୀଷ୍ଟୀୟ ଶିକ୍ଷାନୁଷ୍ଠାନ ଗୁଡ଼ିକର ଉତ୍ତମ ଖ୍ୟାତି ନିମନ୍ତେ । |
| ଜାନୁୟାରୀ ୯ | ⇨ | ଖ୍ରୀଷ୍ଟିଆନମାନେ ଯେପରି ଈଶ୍ୱରଙ୍କ ବାକ୍ୟର ଅନୁଗାମୀ ହୋଇ ଖ୍ରୀଷ୍ଟ-ସଦୃଶ ଚରିତ୍ର ପ୍ରଦର୍ଶନ କରିବେ । |
| ଜାନୁୟାରୀ ୧୦ | ⇨ | ଦେଶ ଦେଶ ମଧ୍ୟରେ ଶାନ୍ତି ଓ ଅର୍ଥନୈତିକ ବିକାଶ ନିମନ୍ତେ । |
| ଜାନୁୟାରୀ ୧୧ | ⇨ | ୨୦୨୪ରେ ପାଳକ ଏସ୍.ସାମ୍ ସେଲ୍‌ଭାରାଜ ଓ ତାଙ୍କ ପରିବାର ସଦସ୍ୟମାନେ ଯେପରି ଈଶ୍ୱରଙ୍କ ବଳବନ୍ତ ହସ୍ତ ତଳେ ରହିବେ । |
| ଜାନୁୟାରୀ ୧୨ | ⇨ | ସମସ୍ତ ମଣ୍ଡଳୀରେ ମନ୍ଦଶକ୍ତି ବିରୁଦ୍ଧରେ ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ । |
| ଜାନୁୟାରୀ ୧୩ | ⇨ | ସମସ୍ତ ମଣ୍ଡଳୀ ଓ ଖ୍ରୀଷ୍ଟିଆନ ଅନୁଷ୍ଠାନ ଯେପରି ଆଇନଗତ ଭାବରେ ସରକାର ସହିତ ପଞ୍ଜିକୃତ ହେବ । |
| ଜାନୁୟାରୀ ୧୪ | ⇨ | ଆମର ଅନୁଷ୍ଠାନ ନିମନ୍ତେ ଉପଯୁକ୍ତ କର୍ମଚାରୀ ପାଇବାରେ ସାହାଯ୍ୟ ନିମନ୍ତେ । |
| ଜାନୁୟାରୀ ୧୫ | ⇨ | ଆମର ସେବାକାର୍ଯ୍ୟର ସାଥୀ ଓ ରାଜ୍ୟ ସଂଯୋଜକମାନେ ଯେପରି ସେମାନଙ୍କର କାର୍ଯ୍ୟରେ ସଫଳ ହେବେ । |
| ଜାନୁୟାରୀ ୧୬ | ⇨ | ଆମ ବରିଷ୍ଠ ପାଳକ ଯେପରି ତାଙ୍କର ଆତ୍ମ-ଜୀବନୀ ଲେଖାକୁ ସଂପୂର୍ଣ୍ଣ କରିବେ । |
| ଜାନୁୟାରୀ ୧୭ | ⇨ | ଆମ ସେବାକାର୍ଯ୍ୟର ସଂପ୍ରସାରଣ ଓ ସୁସମାଚାରର ବିଶ୍ୱବ୍ୟାପୀ ପ୍ରସାରଣ ନିମନ୍ତେ । |
| ଜାନୁୟାରୀ ୧୮ | ⇨ | ଏହି ମାସ ପାଇଁ ଈଶ୍ୱର ଯେପରି ଆମର ସମସ୍ତ ଆବଶ୍ୟକତା ଯୋଗାଇବେ । |

*(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)*

ପ୍ରଥମ ବଡ଼ଦିନ ପ୍ରକୃତରେ ଶ୍ରେଷ୍ଠ ଓ ଶାନ୍ତିପୂର୍ଣ୍ଣ ଥିଲା ବୋଲି ଆପଣ ଜାଣିଛନ୍ତି କି ? ଏହାର ବିପରୀତରେ, କେତେକ ଲୋକ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ବିଷୟ ଶୁଣି ଭୟଭୀତ ହୋଇଥିଲେ । ସେମାନେ ଭୀତଗ୍ରସ୍ତ ଓ ବିଚଳିତ ଥିଲେ । କିନ୍ତୁ, ଯେତେବେଳେ ଭୟଭୀତ ଅଥଚ ବିଶ୍ୱସ୍ତ ଲୋକମାନେ ସୁସମ୍ବାଦ ଶୁଣି ବିଶ୍ୱାସ କରିଥିଲେ, ସେତେବେଳେ ସେମାନେ ଆନନ୍ଦ କରିବା ଆରମ୍ଭ କରିଥିଲେ । ସ୍ୱର୍ଗଦୂତ ମେଷପାଳକମାନଙ୍କ ନିକଟରେ ଦେଖାଶ ଦେଇ କହିଲେ, **"ଭୟ କର ନାହିଁ ଦେଖ, ମୁଁ ସମସ୍ତ ଲୋକଙ୍କର ଅତ୍ୟନ୍ତ ଆନନ୍ଦଜନକ ସୁସମାଚାର ତୁମ୍ଭମାନଙ୍କୁ ଜଣାଉଅଛି"** (ଲୂକ ୨:୧୦) । ସେମାନେ ଅତି ସରଳ ବିଶ୍ୱାସୀ ଓ ସାଧାରଣ ଲୋକ ଥିଲେ ।

ଅନ୍ୟ ଗୋଟିଏ ଗୁରୁତ୍ୱ ପୂର୍ଣ୍ଣ ବିଷୟ ଅଛି, ଯାହା ଆମର ଶାନ୍ତିକୁ ବାଧା ଦିଏ : ଘୃଣା ଓ କ୍ଷମା ନ କରିବା । ଏହା ମୋତେ ଉଇଲିୟମ ବ୍ଲେକ୍‌ଙ୍କ ଦ୍ୱାରା ଲିଖିତ **"ବିଷାକ୍ତ ବୃକ୍ଷ" (The Poison Tree)** କବିତାକୁ ସ୍ମରଣ କରାଇ ଦିଏ :

***ମୁଁ ମୋର ବନ୍ଧୁ ପ୍ରତି କ୍ରୁଦ୍ଧ ଥିଲି ।***
***ମୁଁ ମୋର କ୍ରୋଧକୁ କହିଲି, ମୋର କ୍ରୋଧ ସମାପ୍ତ ହେଲା ।***
***ମୁଁ ମୋର ଶତ୍ରୁ ପ୍ରତି କ୍ରୁଦ୍ଧ ଥିଲି,***
***ମୁଁ ଏହାକୁ କିଛି କହିଲି ନାହିଁ, ମୋର କ୍ରୋଧ ବୃଦ୍ଧି ପାଇଲା ।***
***ପୁଣି ମୁଁ ଏହା ଉପରେ ଜଳ ସିଞ୍ଚନ କଲି,***
***ମୋର ଅଶ୍ରୁ ଦ୍ୱାରା ରାତି ଓ ଦିନ ଜଳ ଛିଞ୍ଚିଲି :***
***ପୁଣି ମୁଁ ହାସ୍ୟ ଦ୍ୱାରା ଓ କୋମଳ ପ୍ରତାରଣାପୂର୍ଣ୍ଣ କପଟତା ଦ୍ୱାରା ଏହାକୁ ଉଷ୍ମ କଲି ।***
***ପୁଣି ଏହା ଏକ ଉଜ୍ଜ୍ୱଳ ଫଳ ଧାରଣ କରିବା ପର୍ଯ୍ୟନ୍ତ ଦିନ ରାତି ବୃଦ୍ଧି ପାଇଲା ।***
***ପୁଣି ମୋର ଶତ୍ରୁ ଏହାର ଚମକ ଦେଖିଲା ଓ ଏହା ମୋର ବୋଲି ଜାଣିପାରିଲା ।***
***ପୁଣି ରାତ୍ରିର ଅନ୍ଧକାର ମଧ୍ୟରେ ସେ ମୋ' ବଗିଚାରୁ ଏହାକୁ ଚୋରି କଲା,***
***ସକାଳେ ମୁଁ ଏହା ଦେଖି ଖୁସି ହେଲି ଯେ,***
***ମୋର ଶତ୍ରୁ ଗଛ ତଳେ ମରି ପଡ଼ିଥିଲା ।***

ଏହା ସର୍ବଦା ମୋର ପ୍ରିୟ କବିତା ଅଟେ ।

ଆସନ୍ତୁ, ଆମେ କ୍ଷମା କରି ଆଗକୁ ବଢ଼ିବା । ସେତେବେଳେ ହିଁ ଆମେ ଶାନ୍ତି ପାଇବା । ଯଦି ଆମେ ଆମ ମନ ଭିତରେ କ୍ଷମା ନ କରିବାର ମନୋଭାବକୁ ଧରି ରଖିବା, ତେବେ ଆମଠାରୁ ଶାନ୍ତି ଚାଲିଯିବ । ହଁ, ଲୋକମାନେ ଆମ ପ୍ରତି ଅନ୍ୟାୟ କରିପାରନ୍ତି, ଗଭୀର କ୍ଷତ ଦେଇପାରନ୍ତି, ଯନ୍ତ୍ରଣା ଦେଇପାରନ୍ତି କିମ୍ବା ପଛରୁ ଛୁରୀକାଘାତ କରିପାରନ୍ତି । ଈଶ୍ୱରଙ୍କୁ ଏହାର ସମାଧାନ କରିବାକୁ ଦିଅନ୍ତୁ ।

ହୁଏତ ଆପଣ ଏପର୍ଯ୍ୟନ୍ତ ଆପଣଙ୍କ ଜୀବନରେ କୌଣସି ଜଣେ ବ୍ୟକ୍ତିଙ୍କୁ କ୍ଷମା କରି ନାହାନ୍ତି, ବର୍ତ୍ତମାନ ହିଁ ସମୟ ଅଟେ । ମିଳିତ ହେବା ପାଇଁ ଏକ ବାର୍ତ୍ତା ପ୍ରେରଣ କରନ୍ତୁ କିମ୍ବା ଏକ ଫୋନ୍ କଲ୍ କରନ୍ତୁ । ସେହିପରି କରିବା ପାଇଁ ଈଶ୍ୱର ଆପଣଙ୍କୁ ଶାନ୍ତି ଦିଅନ୍ତୁ ।

## ୩. ତାଙ୍କ ଉପସ୍ଥିତିରୂପକ ଉପହାର

ଈଶ୍ୱରଙ୍କର ତୃତୀୟ ଉପହାର ହେଉଛି ତାଙ୍କର ଉପସ୍ଥିତି । ବାଃ ! କେତେ ଚମତ୍କାର ଉପହାର ! ତାଙ୍କ ନାମ ଇମ୍ମାନୁୟେଲ ଅର୍ଥାତ୍ "ଆମ୍ଭମାନଙ୍କ ସହିତ ଈଶ୍ୱର ।" ସେ ଆମକୁ କେବେ ହେଲେ ଛାଡ଼ିବେ ନାହିଁ କିମ୍ବା ପରିତ୍ୟାଗ କରିବେ ନାହିଁ ବୋଲି ପ୍ରତିଜ୍ଞା କରିଛନ୍ତି । **"ତାଙ୍କ ସମ୍ମୁଖରେ ଆନନ୍ଦର ପୂର୍ଣ୍ଣତା ଥାଏ"** (ଗୀତସଂହିତା ୧୬:୧୧) । ରାଜା ଦାଉଦଙ୍କ ନିକଟରେ ଧନ, ଯଶ, ସଂପତ୍ତି, କ୍ଷମତା, ବିଜୟ ସବୁ କିଛି ଥିଲା । ତଥାପି ସେ ସର୍ବୋପରି ଗୋଟିଏ ବିଷୟ ଇଚ୍ଛା କରୁଥିଲେ– ନିଜ ପ୍ରାସାଦରେ ରହିବା ଅପେକ୍ଷା ଅଧିକ ପ୍ରଭୁଙ୍କ ଉପସ୍ଥିତିରେ ରହିବା । ଦାଉଦ ପାପ କରିବା ସମୟରେ ନିଜର ଖ୍ୟାତି ବିଷୟରେ ଚିନ୍ତିତ ନ ହୋଇ ପବିତ୍ର ଆତ୍ମାଙ୍କର ଉପସ୍ଥିତି ବିଷୟରେ ଅଧିକ ଚିନ୍ତିତ ହୋଇଥିଲେ । ସେ କହିଥିଲେ, **"ତୁମ୍ଭ ଛାମୁରୁ ମୋତେ ଦୂର କର ନାହିଁ ଓ ତୁମ୍ଭ ପବିତ୍ର ଆତ୍ମା ମୋ'ଠାରୁ ନିଅ ନାହିଁ"** (ଗୀତ ୫୧:୧୧) ।



*In His presence, there is fullness of joy!*

ଯେତେବେଳେ ଯୀଶୁ ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କଲେ, ସେତେବେଳେ ସେ କହିଥିଲେ, **"...ମୁଁ ପିତାଙ୍କୁ ଅନୁରୋଧ କରିବି, ପୁଣି ତୁମ୍ଭମାନଙ୍କ ସାଙ୍ଗରେ ଚିରକାଳ ରହିବା ନିମନ୍ତେ ସେ ତୁମ୍ଭମାନଙ୍କୁ ଆଉ ଜଣେ ସାହାଯ୍ୟକାରୀଙ୍କୁ ... ଦେବେ"** (ଯୋହନ ୧୪:୧୬) ।

ଆସନ୍ତୁ, ଆଜି ଆମେ ନିଜ ନିଜକୁ ପଚାରିବା, "ଆମ ଜୀବନରେ, ଆମ ପରିବାରରେ, ଆମ ଗୃହରେ ଓ ଆମ ସ୍ୱାମୀ ଓ ସ୍ତ୍ରୀର ସଂପର୍କରେ ଈଶ୍ୱରଙ୍କର ଉପସ୍ଥିତି ରୂପକ ଉପହାର ଅଛି କି ? ଆମେ ଈଶ୍ୱରଙ୍କ ଉପସ୍ଥିତିକୁ ପ୍ରାଧାନ୍ୟ ଦେଉ ନା' ଜଗତର ଉପହାରକୁ ପ୍ରାଧାନ୍ୟ ଦେଉ ? ବଡ଼ଦିନ ସମୟରେ ଆମେ ଏହି ପ୍ରଶ୍ନ ନିଜ ନିଜକୁ ପଚାରିବା ଉଚିତ ।

*....Contd. to page 8*

**ନିହିମିଆ ବାଇବଲ**
**ସାଂଧ୍ୟ କଲେଜ**
**ଚେପକ୍ ଓ ସନ୍ତୋଷପୂରମ୍, ଚେନ୍ନାଇ**
**ମାଧ୍ୟମ ~ ତାମିଲ**
ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA
ବିଗତ ୫୪ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
**Certificate in Ministry**
**Diploma in Theology**
**ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ**
**ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !**
ଯୋଗାଯୋଗ : **The Chairman, Nehemiah Bible College.**
**10, MOHAMMED ABDULLAH 2ND STREET, BELLS ROAD, CHEPAUK, CHENNAI - 600 005, INDIA.**
**Phone : (+91-44) 2852 8282, Cell : (+91) 98410 71852 / 95661 31858**
E.mail : sam@echoofhiscall.org / Website : www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର - ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଧୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ - ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ - ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା - ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା - ରବିବାର ଅପରାହ୍ନ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା - ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା - ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା - ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା - ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା - ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ - ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର - ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା - ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା - ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା - ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ - ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା - ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା - ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ - ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ - ୭୬ ପୃଷ୍ଠା ଓ ତାମିଲ୍‌ରେ - ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ - "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ - ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ - **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ପ୍ରଭୁ ଶୁଣନ୍ତି ଓ ଉଦ୍ଧାର କରନ୍ତି

**THE LORD HEARS AND DELIVERS!**


"ଧାର୍ମିକମାନେ କ୍ରନ୍ଦନ କରନ୍ତେ, ସଦାପ୍ରଭୁ ଶୁଣିଲେ ଓ ସେମାନଙ୍କ ସର୍ବ ସଙ୍କଟରୁ ସେମାନଙ୍କୁ ଉଦ୍ଧାର କଲେ" (ଗୀତସଂହିତା ୩୪:୧୭) ।

ମୋର ସେବାକାର୍ଯ୍ୟର ଆଦ୍ୟ ଦିନଗୁଡ଼ିକରେ, ଅତିକମ୍ ଆୟ ଯୋଗୁ ମୋତେ ଏକ ସରଳ ଜୀବନ କାଟିବାକୁ ପଡୁଥିଲା । ଦିନେ ସକାଳେ ମୋର ସ୍ୱର୍ଗତଃ ମୁଖ୍ୟ ପାଳକ ଜି.ସୁନ୍ଦରମ୍ ମଣ୍ଡଳୀରେ ଘୋଷଣା କରି କହିଥିଲେ ଯେ ଆଗାମୀ ରବିବାର ଚେନ୍ନାଇ ସ୍ଥିତ "ପେରିୟାର ଥିଡ଼ାଲ" କକ୍ଷରେ ଏକ ବିଶେଷ ସଭା ଅନୁଷ୍ଠିତ ହେବ । ସେହି ସମୟରେ, ମୁଁ ମଣ୍ଡଳୀର ଜୋତା ଷ୍ଟାଣ୍ଡ ଜଗିବାର ଦାୟିତ୍ୱରେ ଥିଲି । ସେଥିପାଇଁ, ମୁଁ ମୋର ଏକମାତ୍ର ସର୍ବୋତ୍ତମ ପୋଷାକ ଧୋଇ ପରିଷ୍କାର କଲି ଓ ରବିବାର ପାଇଁ ପ୍ରସ୍ତୁତ କରି ରଖିଲି ।

ଶୁକ୍ରବାର ଜଣେ ଯୁବକ ମୋ' ନିକଟକୁ ଆସି ମୋର ଜଣେ ବନ୍ଧୁଙ୍କର ଭାଇ ଭାବରେ ନିଜର ପରିଚୟ ଦେଲେ । ସେ ମୋ' ପାଖରେ ଦୁଇଦିନ ପାଇଁ ରହିବେ ବୋଲି ମୋତେ ଅନୁରୋଧ କଲେ ଓ ମୁଁ ଖୁସିରେ ତାଙ୍କୁ ଅନୁମତି ଦେଲି । ମୁଁ ମୋର ପୁରାତନ ବନ୍ଧୁଙ୍କର ଭାଇଙ୍କୁ ସାହାଯ୍ୟ କରି ଖୁସି ଥିଲି ।

କିନ୍ତୁ, ମୁଁ ଏହା ଦେଖି ଆଶ୍ଚର୍ଯ୍ୟ ହେଲି ଯେ ପରବର୍ତ୍ତୀ ଦିନ (ଶନିବାର) ଯେତେବେଳେ ମୁଁ ଗୃହ ବାହାରେ ଥିଲି, ସେତେବେଳେ ସେ ମୋର ସବୁ ପୁରୁଣା ଓ ନୂଆ, ଏପରିକି ରବିବାର ପାଇଁ ସାଇତି ରଖିଥିବା ମୋର ପୋଷାକ ସହିତ ସବୁ ପୋଷାକ ଓ ମୋର ଅନ୍ୟାନ୍ୟ ମୂଲ୍ୟବାନ ଦ୍ରବ୍ୟ ନେଇ ପଳାୟନ କରିଥିଲେ । ମୁଁ ମୋର ସବୁ ପୋଷାକ ଓ ମୂଲ୍ୟବାନ ଜିନିଷ ପତ୍ର ହରାଇ ଦେଇଥିଲି ।

ରବିବାର ପାଇଁ ଅନ୍ୟ ଗୋଟିଏ ପୋଷାକ କ୍ରୟ କରିବା ନିମନ୍ତେ ମୋ' ପାଖରେ ଅର୍ଥ ନ ଥିବାରୁ ମୁଁ ଖୁବ୍ ଦୁଃଖ ଅନୁଭବ କରୁଥିଲି । ମଇଳା ପୋଷାକ ପିନ୍ଧି ଜୋତା ଷ୍ଟାଣ୍ଡରେ କାର୍ଯ୍ୟ କରିବା ମୋ' ପାଇଁ ଗ୍ରହଣୀୟ ନ ଥିଲା କାରଣ ମୋର ମୁଖ୍ୟ ପାଳକ ପୋଷାକ ପରିଧାନ ଓ ପରିଚ୍ଛନ୍ନତା ବିଷୟରେ ଅତି କଠୋର ଥିଲେ । ମୁଁ ଅତି ଉଦାସ ଥିଲି ଓ ଗୋଟିଏ ନୂତନ ପୋଷାକ କିଣିବାରେ ମୋତେ କିଛି ଅର୍ଥ ସାହାଯ୍ୟ ଦେବା ପାଇଁ ମୁଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲି । ଯଦିଓ ମୋର ବିଶ୍ୱାସ ଟଳମଳ ହେଉଥିଲା, ତଥାପି ସେହି ଶନିବାର



ଅପରାହ୍ନରେ ସେହି କଷ୍ଟକର ପରିସ୍ଥିତିରେ ଏକ ଆଶ୍ଚର୍ଯ୍ୟକର୍ମ ପାଇଁ ଈଶ୍ୱରଙ୍କୁ ବିଶ୍ୱାସ କରିବା ବ୍ୟତୀତ ମୋ' ନିକଟରେ ଅନ୍ୟ କୌଣସି ଉପାୟ ନ ଥିଲା ।

ହଠାତ୍ କେହି ଜଣେ ମୋତେ ବାହାର ଡାକିଲେ । ମୁଁ ବାହାରକୁ ଯାଇ ସେହି ବ୍ୟକ୍ତିଙ୍କୁ ଗୃହ ଭିତରକୁ ଡାକିଲି । ସେ ଗୋଟିଏ ବ୍ୟାଗ୍ ଧରିଥିଲେ ଓ ତା' ଭିତରେ ଧଳା ପୋଷାକ ସବୁ ଭରି ରହିଥିଲା । ସେ ମୋତେ ସେହି ବ୍ୟାଗ୍‌କୁ ଧରାଇ ଦେଇ କହିଲେ, "ପ୍ରିୟ ଭାଇ ସାମ୍, ଛ'ମାସ ପୂର୍ବେ, ମୋର ଜଣେ ଆତ୍ମୀୟ ବିଦେଶରୁ କେତେଗୁଡ଼ିଏ ଧଳା ପ୍ୟାଣ୍ଟ ଓ ସାର୍ଟ ଆଣିଥିଲେ । ଯେହେତୁ ସେଗୁଡ଼ିକ ମୋ' ଶରୀରର ଆକାର ପାଇଁ ଉପଯୁକ୍ତ ନ ଥିଲା, ସେଥିପାଇଁ ମୁଁ ସେଗୁଡ଼ିକୁ ଆପଣଙ୍କୁ ଦେବି ବୋଲି ଚିନ୍ତା କରିଛି କାରଣ ସେଗୁଡ଼ିକ ଆପଣଙ୍କ ଶରୀର ପାଇଁ ସଠିକ୍ ମାପର ଅଟେ । ସେହି ପୋଷାକଗୁଡ଼ିକ ବିଳାସପୂର୍ଣ୍ଣ (ଦାମୀ) ବିଦେଶୀ 'କନା'ରେ ପ୍ରସ୍ତୁତ ହୋଇଥିବାରୁ ଓ ମୋ' ମାପ ସହିତ ସଠିକ୍ ଭାବରେ ମେଳ ଖାଉଥିବାରୁ, ମୁଁ କୃତଜ୍ଞତା ଓ ଆନନ୍ଦରେ ପରିପୂର୍ଣ୍ଣ ହୋଇଥିଲି ।

ପରବର୍ତ୍ତୀ ଦିନ, ମୁଁ ସେହି ପୋଷାକ ମଧ୍ୟରୁ ଗୋଟିଏ ପିନ୍ଧି ଗୀର୍ଜ୍ଜାକୁ ଗଲି । ମୋର ପାଳକ ଜି.ସୁନ୍ଦରମ୍ ମୋତେ ଉପରୁ ତଳ ପର୍ଯ୍ୟନ୍ତ ଦେଖି କହିଲେ, "ଭାଇ ସାମ୍, ଆପଣ ଆଜି ଅତି ଆକର୍ଷଣୀୟ ପୋଷାକ ପିନ୍ଧିଛନ୍ତି ।" ଯାହା ଘଟିଥିଲା ଓ ଈଶ୍ୱର କିପରି ମୋତେ ଆଶୀର୍ବାଦ କରିଥିଲେ – ଏହି ବିଷୟ ମୁଁ ତାଙ୍କୁ ସଂକ୍ଷେପରେ କହିଲି । ସେ ମଧ୍ୟ ଅତି ଖୁସି ହେଲେ ଓ ତାଙ୍କର ଅଭ୍ୟାସ ଅନୁଯାୟୀ ସ୍ମିତ ହାସ୍ୟ କରି ମୋ' ସ୍କନ୍ଧ ଉପରେ ତାଙ୍କର ହସ୍ତ ରଖିଲେ । ପ୍ରଭୁଙ୍କର ପ୍ରଶଂସା ହେଉ ।

ଗୀତସଂହିତା ୩୪:୧୯ରେ ଲେଖାଅଛି : ଧାର୍ମିକର ବିପଦ ଅନେକ, ମାତ୍ର ସେସବୁରୁ ସଦାପ୍ରଭୁ ତାହାକୁ ଉଦ୍ଧାର କରନ୍ତି ।"

*******

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

## ୪. ଈଶ୍ୱରଙ୍କ ଶକ୍ତିରୂପକ ଉପହାର

ରାଜାଙ୍କର ଅନ୍ୟ ଏକ ଅଲୌକିକ ଉପହାର ହେଉଛି ଆମ ଜୀବନରେ ତାଙ୍କର ଭୀତି ପ୍ରଦ ଶକ୍ତି । ଯୀଶୁଙ୍କ ଜନ୍ମ ଆଦି ୩:୧୫ରେ କରାଯାଇଥିବା ପ୍ରତିଜ୍ଞାର ସଫଳତା, ଯାହା ତ୍ରାଣକର୍ତ୍ତାଙ୍କ ସମ୍ବନ୍ଧୀୟ ପ୍ରଥମ ପ୍ରତିଜ୍ଞା ଅଟେ । ପଦଟିରେ ଲେଖାଯାଇଛି ଯେ **"ଆଉ, ଆମ୍ଭେ ତୁମ୍ଭର ଓ ନାରୀର ମଧ୍ୟରେ, ପୁଣି ତୁମ୍ଭ ବଂଶ ଓ ତାଙ୍କ ବଂଶ ମଧ୍ୟରେ ବୈରଭାବ ଜନ୍ମାଇବା, ସେ ତୁମ୍ଭର ମସ୍ତକକୁ ଆଘାତ କରିବ ଓ ତୁମ୍ଭେ ତାହାଙ୍କ ଗୋଇଠିକି ଆଘାତ କରିବ"** (ଆଦି ୩:୧୫) ।

ଏହି ପଦ ଶୟତାନ ଓ ମନୁଷ୍ୟ ଜାତି ମଧ୍ୟରେ ଏକ ସ୍ଥାୟୀ ଶତ୍ରୁତା ସ୍ଥାପନ କରିଅଛି । କିନ୍ତୁ, ଯୀଶୁଙ୍କର ଜନ୍ମ ଶୟତାନର ପ୍ରତ୍ୟେକ ଶକ୍ତିକୁ ଛିନ୍ନବିଚ୍ଛିନ୍ନ କରିଛି । ଶୟତାନ ଈଶ୍ୱରଙ୍କର ସ୍ୱର୍ଗୀୟ ଯୋଜନାକୁ ବ୍ୟର୍ଥ କରିବା ପାଇଁ ଯୀଶୁଙ୍କ ଜନ୍ମ ସମୟରେ ଶିଶୁମାନଙ୍କୁ ହତ୍ୟା କରିବା ଦ୍ୱାରା ସ୍ୱର୍ଗୀୟ ଉଦ୍ଦେଶ୍ୟକୁ ନଷ୍ଟ କରିବା ପାଇଁ ଚେଷ୍ଟା କରିଥିଲା । ଏହା ସତ୍ତ୍ୱେ, ଶୟତାନର ଯୋଜନା ନିଷ୍ଫଳ

ଥିଲା କାରଣ ଈଶ୍ୱରଙ୍କ ଯୋଜନାକୁ ନଷ୍ଟ କରାଯାଇ ପାରିବ ନାହିଁ । ପ୍ରିୟ ସନ୍ତାନଗଣ, ଈଶ୍ୱର ଆମ ପାଇଁ ଯେଉଁ ଯୋଜନା କରିଛନ୍ତି, ତାକୁ କେହି ନଷ୍ଟ କରିପାରିବ ନାହିଁ । ଯଦିଓ ଆପଣଙ୍କର ସାଂପ୍ରତିକ ପରିବେଶ ଅନ୍ୟ କିଛି ସୂଚନା ଦିଏ, ତଥାପି ଏହା ସ୍ମରଣ କରନ୍ତୁ ଯେ ଈଶ୍ୱରଙ୍କୁ ଉଚ୍ଚ ଓ ଉନ୍ନତ ସିଂହାସନରେ ବସିଥିବାର ଯିଶାଇୟ ଦେଖିଥିଲେ (ଯିଶାଇୟ ୬:୧) । ଆମର ପ୍ରଭୁ ରାଜତ୍ୱ କରନ୍ତି । ଚରମ ଅଧିକାର ଓ କର୍ତ୍ତାପଣ ଆମ ପ୍ରଭୁଙ୍କଠାରେ ଅଛି । ଈଶ୍ୱର ଆମ ପଦକ୍ଷେପକୁ ନିର୍ଦ୍ଦେଶ ଦିଅନ୍ତି ଓ ସମୁଦ୍ରର ତରଙ୍ଗମାଳା ପାଇଁ ସୀମା ଧାର୍ଯ୍ୟ କରନ୍ତି ଓ ଆଗକୁ ନ ବଢ଼ିବା ପାଇଁ ସେଗୁଡ଼ିକୁ ଆଦେଶ ଦିଅନ୍ତି । ଈଶ୍ୱର ଘୋଷଣା କରନ୍ତି, "ଆମ୍ଭର ଉଦ୍ଦେଶ୍ୟ ବଳବତ୍ତର ରହିବ ।" ଆମର ଈଶ୍ୱର ଶକ୍ତିଶାଳୀ ଓ କ୍ଷମତାରେ ଭୟାନକ ଅଟନ୍ତି ।

ଆମେ ବିଜୟୀ ହେଉ ଓ ଆମର ପରିବେଶ, ବିଫଳତା, ପରାଜୟ, ପାପ, ଅଭିଶାପ ଓ ସର୍ବୋପରି ଶୟତାନ ଉପରେ ଜୟଯୁକ୍ତ ହେଉ ବୋଲି ଈଶ୍ୱର ଇଚ୍ଛା କରନ୍ତି । ଆଶା ପରିତ୍ୟାଗ କରନ୍ତୁ ନାହିଁ । ବଡ଼ଦିନ ଏହି ବିଷୟକୁ ସ୍ମରଣ କରାଇ ଦିଏ ଯେ ଆମେ ସର୍ବତୋଭାବେ ଜୟୀ ଅଟୁ । ଏଲୀଶାବେଥ୍ ଅଭିଶାପ ଉପରେ ବିଜୟୀ ହୋଇଥିଲେ । ମରିୟମ ସାମାଜିକ ଲାଞ୍ଛନା ଉପରେ ଓ ମନୁଷ୍ୟ ଜାତି ପାପ ଓ ଶୟତାନ ଉପରେ ବିଜୟୀ ହୋଇଥିଲେ ।

ଆପଣ କେଉଁ ବିଷୟ ପାଇଁ ଅପେକ୍ଷା କରୁଛନ୍ତି ? ମନେରଖନ୍ତୁ, ଆମେ ସର୍ବତୋଭାବେ ବିଜୟୀ ଅଟୁ ।

## ୫. ପାପକ୍ଷମାରୂପକ ଉପହାର

ଶେଷରେ, ଯେତେବେଳେ ଈଶ୍ୱର ଜଗତକୁ ସୃଷ୍ଟି କଲେ, ସେତେବେଳେ ସେ ଏହାକୁ ଉତ୍ତମ, ସୁନ୍ଦର ଓ ନିଖୁନ୍ତ ବୋଲି ଦେଖିଥିଲେ । ମାତ୍ର ଅବାଧ୍ୟତା ମାଧ୍ୟମରେ ପାପର ପ୍ରବେଶ ସହିତ ସବୁ କିଛି ପରିବର୍ତ୍ତିତ ହୋଇଥିଲା ।

ଏହା ପାପକୁ ଜନ୍ମ ଦେଇଥିଲା ଓ ସେହିଦିନଠାରୁ ମନୁଷ୍ୟ ଜାତି ପାପକୁ ଓ ଏହାର ପରିଣାମକୁ ଅତିକ୍ରମ କରିବା ପାଇଁ ସଂଘର୍ଷ କରି ଆସୁଅଛି । ଏହା ଏପରି ଏକ ଚିନ୍ତାଧାରା ଯାହା ପ୍ରତ୍ୟେକ ଧର୍ମରେ ବିଦ୍ୟମାନ ଅଛି । ବାଇବଲ କହିଛି ଯେ ... **"ପାପର ବେତନ ମୃତ୍ୟୁ"** ... (ରୋମୀୟ ୬:୨୩) । ଅନ୍ୟ ଭାଷାରେ, ଆମ ପାପପୂର୍ଣ୍ଣ କାର୍ଯ୍ୟର ପରିଣାମ କେବଳ ଶାରୀରିକ ମୃତ୍ୟୁରେ ସୀମିତ ନାହିଁ, ମାତ୍ର ଆତ୍ମିକ ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ ପରିବ୍ୟାପ୍ତ ଅଟେ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରିଛି ଓ ଆମ ମଧ୍ୟରେ ଏକ ବଡ଼ ବ୍ୟବଧାନ ସୃଷ୍ଟି କରିଛି । କିନ୍ତୁ, ଯୀଶୁ ଖ୍ରୀଷ୍ଟଙ୍କର ଜନ୍ମ ଏହି ବିଚ୍ଛିନ୍ନତାର ସମାପ୍ତିକୁ ଚିହ୍ନଟ କରିଥିଲା । ଯେତେବେଳେ ଯୀଶୁ ଏହି ଜଗତ ମଧ୍ୟକୁ ଆସିଥିଲେ, ସେତେବେଳେ ତାଙ୍କର ଉଦ୍ଦେଶ୍ୟ ଥିଲା ଆମ ପାପ ପାଇଁ ମୃତ୍ୟୁବରଣ କରିବା ଓ ଆମ ସ୍ଥାନରେ ଦଣ୍ଡ ସହ୍ୟ କରିବା । କ୍ରୁଶ ଉପରେ ମୃତ୍ୟୁବରଣ କରିବା ଦ୍ୱାରା, ଯୀଶୁ ଆମକୁ "ଅନୁଗ୍ରହ" ରୂପକ ବିଶେଷ ଉପହାର ପ୍ରଦାନ କରିଥିଲେ । ବଡ଼ଦିନ ହେଉଛି ଈଶ୍ୱରଙ୍କର ପବିତ୍ର, ନିଃସ୍ୱାର୍ଥପର ପ୍ରେମକୁ ସ୍ମରଣ କରିବା, ଯାହା ଅନୁଗ୍ରହ ରୂପରେ ଆମ ନିକଟକୁ ଆସେ । ଏହା ସହିତ, ରୋମୀୟ ୮:୩୪ରେ ଯେପରି ଉଲ୍ଲେଖ ଅଛି, ସେହିପରି ଯୀଶୁ ନିରନ୍ତର ଆମ ନିମନ୍ତେ ନିବେଦନ କରୁଛନ୍ତି । ଏହା ମନେ ରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ଏପରି କୌଣସି ବଡ଼ ପାପ ନାହିଁ ଯାହାକୁ ଅନୁଗ୍ରହ ଆଚ୍ଛାଦନ କରିପାରିବ ନାହିଁ ଓ ଏପରି କୌଣସି ଛୋଟ ପାପ ନାହିଁ, ଯାହାକୁ ଅନୁଗ୍ରହ ସଜାଡ଼ି ପାରିବ ନାହିଁ ।



*Forgiveness of Jesus Christ*

ପ୍ରିୟ ବନ୍ଧୁଗଣ, ଏହି ଜଗତର ଚାପ, ଆମ ଦୈନନ୍ଦିନ ଜୀବନର ଦାବୀ ଓ ବେଳେ ବେଳେ ଆମେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ଆମକୁ ଈଶ୍ୱରଙ୍କଠାରୁ ଦୂରେଇ ଯାଇଥିବାର ଦେଖୁଛନ୍ତି, ତେବେ ବର୍ତ୍ତମାନ ହିଁ ତାଙ୍କ ନିକଟକୁ ଫେରି ଆସିବାର ସମୟ ଅଟେ ।

ଯୀଶୁ ଆମକୁ ପ୍ରେମ କରନ୍ତି ଓ ଆମକୁ କ୍ଷମା ଦେବା ପାଇଁ ଇଚ୍ଛା କରୁଛନ୍ତି । ଆମେ ତାଙ୍କ ସହିତ ଏକ ବ୍ୟକ୍ତିଗତ ସଂପର୍କ ରଖୁ ବୋଲି ଈଶ୍ୱର ଇଚ୍ଛା କରନ୍ତି ।

ପ୍ରିୟ ବନ୍ଧୁଗଣ, ଏହି ବଡ଼ଦିନ ଆପଣମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ହେଉ ବୋଲି ମୁଁ ପ୍ରାର୍ଥନା କରୁଅଛି । ଆପଣମାନେ ରାଜାଙ୍କର ପାଞ୍ଚଟି ଉପହାରକୁ ଉପଭୋଗ କରନ୍ତୁ । ଆପଣମାନେ ସର୍ବଦା ଏହା ସ୍ମରଣ କରନ୍ତୁ ଯେ ଯେତେ ବିଳମ୍ବ ହେଲେ ସୁଦ୍ଧା ସେ ପ୍ରତିଜ୍ଞା ରକ୍ଷା କରନ୍ତି । ଝଡ଼ ମଧ୍ୟରେ ସୁଦ୍ଧା ସେ ଶାନ୍ତି ପ୍ରଦାନ କରନ୍ତି । ଆମେ ଦେଖି ନ ପାରିଲେ କିମ୍ବା ଅନୁଭବ କରି ନ ପାରିଲେ ସୁଦ୍ଧା ତାଙ୍କର ଉପସ୍ଥିତି ସର୍ବଦା ଆମ ସହିତ ରହିବ । ଆମର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ, ସେ ଆମ ସହିତ ରହିବେ । ସେ ଜଣେ ଶକ୍ତିଶାଳୀ ଈଶ୍ୱର, ସେଥିପାଇଁ ଆମେ ଭୟଭୀତ ହେବା ଉଚିତ୍ ନୁହେଁ । ସେ ଯେ କେବଳ ଆମକୁ ବିଜୟୀ କରିବେ, ତା' ନୁହେଁ, ମାତ୍ର ସେ ଆମକୁ ସର୍ବତୋଭାବେ ବିଜୟୀ କରିବେ । ଶେଷରେ, ଆପଣ ଯେପରି ଭାବରେ ଅଛନ୍ତି, ଠିକ୍ ସେହିପରି ଭାବରେ ଆମକୁ ତାଙ୍କ ବାହୁରେ ଆଲିଙ୍ଗନ କରି ଗ୍ରହଣ କରିବାକୁ ଅପେକ୍ଷା କରୁଛନ୍ତି ।

ଯଦି ଆପଣ ରାଜାଙ୍କର ପାଞ୍ଚଟି ଉପହାରକୁ ଗ୍ରହଣ କରିବେ, ତେବେ ଆପଣ ବଡ଼ଦିନର ପ୍ରକୃତ ଅର୍ଥକୁ ଅନୁଭବ କରିପାରିବେ ।

ଆପଣମାନଙ୍କୁ ଏକ ଅତି ଖୁସି, ଆଶୀଷଭରା, ଆନନ୍ଦପୂର୍ଣ୍ଣ ଓ ଅର୍ଥପୂର୍ଣ୍ଣ ବଡ଼ଦିନ ପାଇଁ ଶୁଭକାମନା !

*******


## WANTED for

**NEHEMIAH BIBLE COLLEGE**
of ECHO OF HIS CALL, Chennai
(ATA Candidate)

1. **DEAN (Residential):** Hindi Theologian with M.Div. / M.Th. Degree & experience.
2. **VICE-PRINCIPAL:** English / Tamil / Hindi Theologian with M.Div. / M.Th. & experience.
3. **CO-ORDINATOR:** With Computer / Typing knowledge in English, Tamil & Hindi.

Eligible candidates may send bio--data to:
E.mail: sam@echoofhiscall.org
WhatsApp: (+91) 98410 71858


## ଜରୁରୀ ବିଷୟ

ଆମେ ଆମର **ନିହିମିୟା ବାଇବଲ କଲେଜଗୁଡ଼ିକ** ପାଇଁ ପ୍ରାୟ ୧୦୦୦ ହିନ୍ଦୀ ଖ୍ରୀଷ୍ଟିଆନ ପୁସ୍ତକ ଆବଶ୍ୟକ କରୁଅଛୁ । ଦୟାକରି ପାରମାର୍ଥିକ ହିନ୍ଦୀ ପୁସ୍ତକଗୁଡ଼ିକୁ ପ୍ରାପ୍ତ ହେବାର ସାମ୍ଭାବ୍ୟ ସ୍ଥାନ ବିଷୟରେ ଆମକୁ ସୂଚନା ଦିଅନ୍ତୁ ।

- Pr. S. Sam Selva Raj, Editor
+91-98412 71858

## ଲାଇବେରୀ ପୁସ୍ତକ ଆବଶ୍ୟକ

ଆମେ ତାମିଲ, ଇଂରାଜୀ ଓ ହିନ୍ଦୀ ପୁସ୍ତକ ସବୁ ଆମର **ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଓ ନିହିମିୟା ବାଇବଲ କଲେଜଗୁଡ଼ିକର ଲାଇବ୍ରେରୀ ପାଇଁ ଆବଶ୍ୟକ କରୁଅଛୁ ।** ଯଦି ଆପଣଙ୍କ ନିକଟରେ ଉତ୍ତମ ଅବସ୍ଥାରେ ନୂଆ କିମ୍ବା ପୁରୁଣା ପୁସ୍ତକ ଅଛି ଓ ଯଦି ଆପଣ ଦାନ କରିବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମ ସହିତ ଯୋଗାଯୋଗ କରନ୍ତୁ ।

- Pr. S. Sam Selva Raj, Editor
+91-98412 71858

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

## ଆହ୍ୱାନର ପ୍ରତିଧ୍ୱନି

**YouTube**

Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ ‘‘ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

**୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।**

**ବାର୍ଷିକ ଦେୟ – ଟ. ୧୦୦/–  ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ ‘ଆହ୍ୱାନର ପ୍ରତିଧ୍ୱନି’ ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ‘‘ଆହ୍ୱାନର ପ୍ରତିଧ୍ୱନି’’ ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ‘‘ଆହ୍ୱାନର ପ୍ରତିଧ୍ୱନି’’ ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ‘‘ଆହ୍ୱାନର ପ୍ରତିଧ୍ୱନି’’ କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

### ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/21-23**
**Licence No. WPP. No. TN/PMG(CCR)/WPP-265/21-23**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th** DECEMBER 2023.
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**